# "ଭାରତରେ ପୁଅଙ୍କୁ ସୁରକ୍ଷା ଓ ସମ୍ମାନ ଦେଲା ଭଳି ଆଇନ୍ ବର୍ତ୍ତମାନ ସୁଦ୍ଧା ତିଆରି ହୋଇନାହିଁ" !

ମୋର ନାମ ସମ୍ପଦ୍ କୁମାର ବେହେରା (ଛଦ୍ମନାମ) । ଘର ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ମୟୂରଭଞ୍ଜ ଜିଲ୍ଲାରେ । ୨୦୦୮ ମସିହାରେ ମୁଁ ମାଟ୍ରିକ୍ୟୁଲେଟ୍ ପାସ୍ କଲି । ଦୁଇ ଭଉଣୀରେ ଏକମାତ୍ର ପୁଅ ହେଇଥିବାରୁ ବାପାଙ୍କ ପାଖରେ ମୁଁ ଅତ୍ୟନ୍ତ ଗେଲବସରରେ ବଢିଥିଲି । ଯାହା ଯେତେବେଳେ କହୁଥିଲି ମୋତେ ମିଳିଯାଉଥିଲା । ବାପା ମୋତେ ଇଞ୍ଜିନିୟର କରି ତିଆରି କରିଦେଲେ । ଭୁବନେଶ୍ୱରରେ ଆସି ଏକ କମ୍ପାନୀରେ ଚାକିରୀ କରିବା ସମୟରେ ଜଣେ ଝିଅ ସହିତ ମୋର ପ୍ରେମ ସମ୍ପର୍କ ଗଢି ଉଠିଲା । ଘରେ ବାପାଙ୍କର ବିରାଟ ବଡ଼ ନହେଲେ ମଧ୍ୟ ମଧ୍ୟମ ଧରଣର ଚାଉଳ ବ୍ୟବସାୟ ଥିଲା । ତେଣୁ ମୋର ସମସ୍ତ ରୋଜଗାର ସହିତ ଆହୁରି ଅଲଗା କିଛି ପଇସା ବୋଉ ଏବଂ ବାପାଙ୍କଠାରୁ ମିଛ କଥା କହିଆଣି ପ୍ରେମିକା ସହିତ ମଉଜ ମସ୍ତି କରି ଉଡ଼ାଉଥିଲି । ଦୀର୍ଘ ଦେଢ ବର୍ଷ କାଳ ଆମେ ଦୈହିକ ସମ୍ପର୍କରେ ରହିବା ଭିତରେ ଦୁଇଟି ଛୁଆ ମଧ୍ୟ ଭୁବନେଶ୍ୱର ଶୈଳଶ୍ରୀ ବିହାରର ଏକ ନିର୍ଦ୍ଦିଷ୍ଟ ଚିକିତ୍ସାଳୟରେ ନଷ୍ଟ କରିଛୁ । ମୋର ପ୍ରେମିକାର ବାପା ରାଉରକେଲାର ଏକ ପ୍ରତିଷ୍ଠିତ କମ୍ପାନୀରେ ଚାକିରୀ କରନ୍ତି । ଇତି ମଧ୍ୟରେ ପ୍ରଥମେ ମୁଁ ଏକମାତ୍ର ପୁଅ ହେଇଥିବାରୁ ବାପା ଆମର ବିବାହରେ ଅରାଜି ଥିଲେ । ମାତ୍ର ମା ମୋତେ କହିଲେ ତୋର ବିବାହ ପାଇଁ ଆମେ କେତେ ସ୍ୱପ୍ନ ଦେଖିଥିଲୁ । ମାତ୍ର ତୁ ଶେଷରେ ଏଭଳି କରିବୁ ବୋଲି ଆମର କାହାର ଧାରଣା ନଥିଲା । ସେ ଯାହାବି ହେଉ ଘରେ ବହୁ କଷ୍ଟରେ ମା'ଙ୍କୁ ରାଜି କରାଇଲି । ଏହାପରେ ମୋର ମାମୁଁ ଓ ତାଙ୍କ ପରିବାର ଲୋକ ସମସ୍ତେ ମିଶି ଏହି ସିଦ୍ଧାନ୍ତରେ ଉପନିତ ହେଲେ ଯେ, ଆମର ବିବାହ ହେବ ବୋଲି । ମାତ୍ର ଠିକ୍ ଏହି ସମୟରେ ମୋର ବିବାହିତ ଭଉଣୀ କୌଣସି କାରଣ ବସତଃ ଶାଶୁ ଘରେ ମୃତ୍ୟୁ ବରଣ କଲା । ଆମର ପରିବାରର ଲୋକମାନେ ଏତେବଡ଼ ଅଘଟଣାକୁ ଧୈର୍ଯ୍ୟର ସହ ମୁକାବିଲା କରିବା ପାଇଁ ସମୟର ଆବଶ୍ୟକତା ପଡ଼ିଲା । ମାତ୍ର କେଇ ଦିନପରେ ଘଟଣାକ୍ରମ ସମ୍ପୂର୍ଣ୍ଣ ବଦଳିଗଲା । ମୋର ସ୍ତ୍ରୀ ଶ୍ୱଶୁର କହୁଛନ୍ତି ମୋର କୋଉଠି ହାର୍ଟ ରୋଗ ଅଛି । ତେଣୁ ସେମାନେ ମୋତେ ତାଙ୍କ ଝିଅକୁ ବିବାହ କରାଇବେ ନାହିଁ । ମୋର ଡାକ୍ତରୀ ପରୀକ୍ଷା କରାଇ ନିଅନ୍ତୁ ବୋଲି କହିବାରୁ ଏଥିରେ ଶ୍ୱଶୁର ମତେ କହିଲେ, ସେ ଫାଲତୁ କଥା ଆମକୁ କହିବା ଦରକାର ନାହିଁ । ଯବାନ ସମୟରେ ଏଭଳି ସମସ୍ତେ କରନ୍ତି ତୁମେ ମଧ୍ୟ କଲ । ଯଦି ତୁମକୁ ଏକ ଝିଅ ଦରକାର ତେବେ ଆଉ କାହାକୁ ଫସାଇବା ପାଇଁ ଚେଷ୍ଟାକର । ମୋର ଝିଅ ତୁମକୁ ବିବାହ ପାଇଁ ରାଜିନୁହେଁ । ଯଦି ତା ସହିତ ଉଠାଇଥିବା ଫଟୋଚିତ୍ର କିମ୍ବା ଭିଡିଓକୁ ପ୍ରଚାର ପ୍ରସାର କରାଅ କିମ୍ବା ଏ ବିଷୟରେ କିଛି ମାମଲା କରାଅ ତେବେ ତୁମକୁ ବିଭିନ୍ନ କେସ୍‌ରେ ପୁରାଇ ଅଧାମରା କରି ଛାଡ଼ିବି । ଏହାପରେ ଭୁବନେଶ୍ୱର କୋର୍ଟର ଜୈନିକ ଓକିଲବାବୁଙ୍କୁ ଯାଇ ଦେଖା କରିବାରୁ ସେ ମୋତେ କହିଲେ ବାପରେ ମୁଁ ଯେତେବେଳେ ଟୋକା ଥିଲି ମୋଠାରୁ ମଧ୍ୟ ଜଣେ ଝିଅ ସର୍ବସ୍ୱ ଲୁଟି ମୋର ଆଖି ଆଗରେ ମୋତେ ଭୁଲିଯାଅ କହି ଆଉ ଜଣେ ସରକାରୀ ଚାକିରୀଆକୁ ବାହାହୋଇପଡିଲା ଏବଂ ତାର ବିବାହ ନିମନ୍ତ୍ରଣ ପତ୍ର ମୋ ଘର କବାଟରେ ଗଳାଇଦେଇ ଗଲା । ବର୍ତ୍ତମାନ ତୁମକୁ କେତେ କଷ୍ଟ ହେଇଥିବ ମୁଁ ଅନୁଭବ କରିପାରୁଛି । ମାତ୍ର ଏଇ "ଭାରତରେ ପୁଅଙ୍କୁ ସୁରକ୍ଷା ଓ ସମ୍ମାନ ଦେଲା ଭଳି ଆଇନ୍ ବର୍ତ୍ତମାନ ସୁଦ୍ଧା ତିଆରି ହୋଇନାହିଁ" କି ଆସନ୍ତା ପଚାସ ବର୍ଷ ଭିତରେ ତିଆରି ହେଲାଭଳି ଜଣା ପଡୁନି । ଚୁପ୍‌ଚାପ୍ କାନମୁଣ୍ଡା ଆଉଁସି ଘରକୁ ଯାଇ ଶାନ୍ତିରେ ଶୁଅ । ସମସ୍ତଙ୍କ ଠାରୁ ନାସ୍ତିବାଣୀ ଶୁଣିଲାପରେ ମୁଁ ଏବେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି । କେତେବେଳେ ଯେ, ନିଜର କିଛି କ୍ଷତି ଘଟାଇ ଦେବି ତାହା କହି ହେଉନାହିଁ । ବଞ୍ଚିବା ବଡ ଯନ୍ତ୍ରଣା ଦାୟକ ଏବେ ମୋ ପାଇଁ..... ? ? ?


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)

ପୁରୁଷ କମିଶନ୍ (ଆବାହକ)

ମୋ- ୯୪୩୭୧୬୪୩୯୯


ବି.ଦ୍ର : ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନଗତ ସହଯୋଗ କରିବୁ ।